ଗ୍ରୋସୋନ୍ସ ଫାର୍ମାସ୍ୟୁଟିକାଲ୍ସ (ପି) ଲିମିଟେଡ୍. ଏବଂ ଅନ୍ୟଜଣେ

ବନାମ

ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ସେପ୍ଟେମ୍ବର 5,2001

[ଭି. ଏନ୍. ଖାରେ ଏବଂ ବି. ଏନ୍. ଅଗ୍ରୱାଲ, ନ୍ୟାୟମୂର୍ତ୍ତିଦ୍ୱୟ]

*ପ୍ରଶାସନିକ ଆଇନ - ଅନୁମୋଦିତ ଠିକାଦାର - ଔଷଧ ଯୋଗାଣ ଅନିୟମିତତା - କାରଣ ଦର୍ଶାଅ ନୋଟିସ ଜାରି - କଳା ତାଲିକାଭୁକ୍ତ ଆଦେଶ - ବୈଧତା - ନିର୍ଣ୍ଣିତ ହେଲା : ବୈଧ, ଯେହେତୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯାଇଛି- ଦଣ୍ଡ ପୂର୍ବରୁ ଅପରପକ୍ଷକୁ ଶୁଣିବା ନୀତିଗୁଡ଼ିକର କୌଣସି ଉଲ୍ଲଙ୍ଘନ ନାହିଁ ।*

ଉତ୍ତରଦାତା, ଉତ୍ତର ପ୍ରଦେଶ ରାଜ୍ୟକୁ ଔଷଧ ଯୋଗାଣ ପାଇଁ ଅପିଲକାରୀ ଜଣେ ଅନୁମୋଦିତ ଠିକାଦାର ଥିଲେ । ଔଷଧ ଯୋଗାଣରେ କେତେକ ଅନିୟମିତତା ଲକ୍ଷ୍ୟ କରିବା ପରେ ଦୁର୍ନୀତି ନିବାରଣ ଅଧିନିୟମ ଏବଂ ତାହା ସହ ଆଇପିସିର ଧାରା 120ର ବ୍ୟବସ୍ଥା ଅନୁଯାୟୀ ଅପିଲକାରୀଙ୍କ ବିରୋଧରେ ଦୁର୍ନୀତି ନିବାରଣ ସଂସ୍ଥା ଦ୍ୱାରା ତଦନ୍ତ ଏବଂ ଫୌଜଦାରୀ ମକଦ୍ଦମା ଆରମ୍ଭ କରାଯାଇଥିଲା । ଅପିଲକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ଏହା ପରେ, ବିଚାରାଧୀନ ମାମଲାର ଚୂଡ଼ାନ୍ତ ସମାଧାନ ଏବଂ ଅପିଲକାରୀଙ୍କ ବିରୋଧରେ ଆରମ୍ଭ ହୋଇଥିବା କାର୍ଯ୍ୟାନୁଷ୍ଠାନର ତଦନ୍ତରେ ଚୂଡ଼ାନ୍ତ ନିର୍ଣ୍ଣୟ ପର୍ଯ୍ୟନ୍ତ ଅପିଲକାରୀଙ୍କୁ କଳା ତାଲିକାଭୁକ୍ତ କରିବାକୁ ଉତ୍ତରଦାତା ନିର୍ଦ୍ଦେଶ ଦେଇଛନ୍ତି ।

ଅପିଲକାରୀ ଏକ ଆଜ୍ଞାଦେଶ ଆବେଦନ ମାଧ୍ୟମରେ ଉତ୍ତରଦାତାଙ୍କ ଆଦେଶକୁ ଆପତ୍ତି କରିଥିଲେ, ଯାହାକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ । ଅପିଲକାରୀ ଏହି ଅଦାଲତରେ ଏସ୍. ଏଲ୍. ପି. ଦାଖଲ କରିଥିଲେ । ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ସ୍ପଷ୍ଟୀକରଣକୁ ବିଚାରକୁ ନେଇ ବିବାଦିତ ଆଦେଶକୁ ଅକ୍ଷୁର୍ଣ୍ଣ ରଖି ମାମଲାର ପୁନର୍ବିଚାର କରିବାକୁ ଅଦାଲତ

ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉତ୍ତରଦାତା ଏହି ପ୍ରସଙ୍ଗରେ ପୁନର୍ବିଚାର କରିଥିଲେ ଏବଂ ଏହାର ପୂର୍ବ ଆଦେଶକୁ ନିଶ୍ଚିତ କରିଥିଲେ ।

ଅପିଲକାରୀ ପୁନର୍ବାର ଏକ ଆଜ୍ଞାଦେଶ ଆବେଦନ ଦାଖଲ କରି ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଆଦେଶକୁ ଆପତ୍ତି କରିଥିଲେ ଯାହା ଏହି ଆଧାରରେ ଖାରଜ ହୋଇଥିଲା ଯେ ବିବାଦିତ ଆଦେଶ ପାରିତ କରିବା ପୂର୍ବରୁ ଉତ୍ତରଦାତାଙ୍କ ଦ୍ୱାରା ବିସ୍ତୃତ କାରଣ ନଥିଭୁକ୍ତ କରାଯାଇଥିଲା । ସେଥିପାଇଁ ଏହି ଅପିଲ ।

ଅପିଲକାରୀ ଯୁକ୍ତି ଦର୍ଶାଇଥିଲେ ଯେ ଉତ୍ତରଦାତା ସମସ୍ତ ବସ୍ତୁଗତ ଯୋଗାଇଦେବା ଉଚିତ ଥିଲା ଯାହା ଉପରେ କାରଣ ଦର୍ଶାଅ ନୋଟିସରେ ଥିବା ଅଭିଯୋଗ ଆଧାରିତ ଥିଲା ।

ଏହି ଆବେଦନକୁ ଖାରଜ କରି ଅଦାଲତ

ନିର୍ଣ୍ଣୟ କଲେ : ଅପିଲକାରୀଙ୍କ କେବଳ ଉତ୍ତରଦାତା-ରାଜ୍ୟ ସରକାର, ଉତ୍ତର ପ୍ରଦେଶ ସହିତ ଚୁକ୍ତିଭିତ୍ତିକ ସମ୍ପର୍କ ରହିଛି ଏବଂ ଉକ୍ତ ସମ୍ପର୍କ କୌଣସି ବୈଧାନିକ ନିୟମ ଦ୍ୱାରା ପରିଚାଳିତ ନୁହେଁ, ଯାହା ଦ୍ୱାରା ଅପିଲକାରୀଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ଆଦେଶ ଦେବା ପୂର୍ବରୁ ଉତ୍ତରଦାତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ବାଧ୍ୟତାମୂଳକ ହୋଇଥାଏ ।

ତେବେ, ଯେହେତୁ ଅପିଲକାରୀଙ୍କୁ କଳା ତାଲିକାଭୁକ୍ତ କରିବା ଆଦେଶର ଦେୱାନୀ ପରିଣାମ ରହିଛି, ତେଣୁ ଦଣ୍ଡ ପୂର୍ବରୁ ଅପରପକ୍ଷଙ୍କୁ ଶୁଣିବା, ପ୍ରାକୃତିକ ନ୍ୟାୟ ନୀତି ମଧ୍ୟରୁ ଗୋଟିଏ ଅନୁସରଣ କରିବା ଆବଶ୍ୟକ । ତେବେ, ଅପିଲକାରୀଙ୍କ ବିରୋଧରେ ଯେଉଁ ଅଭିଯୋଗ ଆଧାରିତ ଥିଲା, ସେହି ବସ୍ତୁଗତର ଯୋଗାଣ, ଉକ୍ତ ନୀତିର ଆବଶ୍ୟକତା ନଥିଲା । କାରଣ ଦର୍ଶାଇବା ପାଇଁ ଏକ ସୁଯୋଗ ଯଥେଷ୍ଟ ଥିଲା । ତେଣୁ ଉତ୍ତରଦାତାଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରକ୍ରିୟା ପ୍ରାକୃତିକ ନ୍ୟାୟ ନୀତି ସହିତ ଅନୁକୂଳ ଥିଲା ।

ଦେୱାନୀ ଅପିଲ ଅଧିକାରିତା ଦେୱାନୀ ଅପିଲ ସଂଖ୍ୟା 708/1993 ।

ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର 24.8.91 ତାରିଖର ରାୟ ଏବଂ ଆଦେଶରୁ W. P. ସଂଖ୍ୟା 2746/1991 (ଏମ୍/ବି) ।

ଅପିଲକାରୀଙ୍କ ପାଇଁ ରବି ପି ମେହରୋତ୍ରା, ଏମ୍. ପି. ଏସ୍. ତୋମାର, ସୁଶ୍ରୀ ଦୀପ୍ତି ଆର୍ ମେହରୋତ୍ରା ଏବଂ ସୁଶ୍ରୀ ସନ୍ଧ୍ୟା ଗୋସ୍ୱାମୀ ।

ଉତ୍ତରଦାତାମାନଙ୍କ ପାଇଁ ଆର୍. ବି. ମେହରୋତ୍ରା ଏବଂ ଏ. କେ. ଶ୍ରୀବାସ୍ତବ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଭି. ଏନ୍. ଖାରେ,** - ଏଠାରେ ଅପିଲକାରୀ ଔଷଧ ଉତ୍ପାଦନ ଏବଂ ବିକ୍ରୟରେ ନିୟୋଜିତ ଏକ କ୍ଷୁଦ୍ର ଶିଳ୍ପ ଏବଂ ଶିଳ୍ପ ନିର୍ଦ୍ଦେଶାଳୟ (ଷ୍ଟୋର୍ କ୍ରୟ ବିଭାଗ), କାନପୁର, ଉତ୍ତରପ୍ରଦେଶରେ ପଞ୍ଜୀକୃତ ହୋଇଥିଲେ । ଉପରୋକ୍ତ ପଞ୍ଜିକରଣର ଫଳସ୍ୱରୂପ, ଅପିଲକାରୀ ସରକାରୀ ବିଭାଗକୁ ଔଷଧ ଯୋଗାଣ ପାଇଁ ଜଣେ ଅନୁମୋଦିତ ଠିକାଦାର ଥିଲେ । ଅପିଲକାରୀ, ଏହାର ଅନୁସରଣରେ, ଉତ୍ତରପ୍ରଦେଶ ସରକାରଙ୍କୁ ଔଷଧ ଯୋଗାଉଥିଲେ । ଏହା ଜଣାପଡୁଛି ଯେ ଔଷଧ କ୍ରୟରେ କେତେକ ଅନିୟମିତତା ସରକାରଙ୍କ ଦୃଷ୍ଟିକୁ ଆସିଥିଲା ଏବଂ ସେଥିପାଇଁ ଏକ ଦୁର୍ନୀତି ନିବାରଣ ସଂସ୍ଥା ଦ୍ୱାରା ତଦନ୍ତ ଆରମ୍ଭ କରାଯାଇଥିଲା, ଯାହାର ଫଳସ୍ୱରୂପ ଅପିଲକାରୀଙ୍କ ନଥି ଏବଂ ଉତ୍ପାଦ ଜବତ କରାଯାଇଥିଲା । ଆହୁରି, ଆଇପିସିର ଧାରା 120 ସହିତ ପଢାଯାଇଥିବା ଦୁର୍ନୀତି ନିବାରଣ ଅଧିନିୟମ ବ୍ୟବସ୍ଥା ଅନୁଯାୟୀ ଅପିଲକାରୀଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା ମଧ୍ୟ ଆରମ୍ଭ କରାଯାଇଥିଲା । ଏଭଳି ପରିସ୍ଥିତିରେ ରାଜ୍ୟ ସରକାର ଅପିଲକାରୀଙ୍କୁ ସରକାରଙ୍କ ସହ କାରବାରରେ କାହିଁକି କଳା ତାଲିକାଭୁକ୍ତ କରାଯିବା ଉଚିତ ନୁହେଁ ତାହାର କାରଣ ଦର୍ଶାଇବା ପାଇଁ ଏକ ନୋଟିସ୍ ପ୍ରଦାନ କରିଥିଲେ । ଏହା ଜଣାପଡୁଛି ଯେ ଅପିଲକାରୀ କାରଣ ଦର୍ଶାଅ ନୋଟିସର ଉତ୍ତର ପଠାଇଥିଲେ । ଅପିଲକାରୀଙ୍କ ଉତ୍ତରର ଅବଧି ଶେଷ ହେବା ପରେ ରାଜ୍ୟ ସରକାର ଅପିଲକାରୀଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ଏକ ଆଦେଶ ପାରିତ କରିଥିଲେ । ଆଦେଶରେ ଦର୍ଶାଯାଇଛି ଯେ କଳା ତାଲିକାଭୁକ୍ତିର ଅବଧି ଅଦାଲତରେ ବିଚାରାଧୀନ ମାମଲାର ସମାଧାନ ହେବା ପର୍ଯ୍ୟନ୍ତ ତଥା ବିଭିନ୍ନ ହିସାବରେ ବ୍ଯବସାୟିକ ଅନୁଷ୍ଠାନ ବିରୋଧରେ ଆରମ୍ଭ ହୋଇଥିବା କାର୍ଯ୍ୟାନୁଷ୍ଠାନର ତଦନ୍ତରେ ତାଙ୍କର ଚୂଡ଼ାନ୍ତ ନିର୍ଣ୍ଣୟ ଆସିବା ପର୍ଯ୍ୟନ୍ତ ରହିବ । ଅପିଲକାରୀ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏକ ଆଜ୍ଞାଦେଶ ଆବେଦନ ମାଧ୍ୟମରେ ଉପରୋକ୍ତ ଆଦେଶକୁ  ଆପତ୍ତି କରିଥିଲେ । ଉକ୍ତ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦିଆଯାଇଥିଲା । ଅସନ୍ତୁଷ୍ଟ ହୋଇ, ଅପିଲକାରୀ ଉକ୍ତ ଆଦେଶ ଏବଂ ରାୟକୁ ଏହି ଅଦାଲତରେ ବିଶେଷ ଅନୁମତି ଆବେଦନ ମାଧ୍ୟମରେ ଆପତ୍ତି କରିଥିଲେ । ଉକ୍ତ ବିଶେଷ ଅନୁମତି ଆବେଦନର

ସଂଖ୍ୟା 10087/91 ଥିଲା । ଯେତେବେଳେ ଏହି ମାମଲାଟି ଏହି ନ୍ୟାୟାଳୟର ଏକ ବିଚାରପୀଠ ସମ୍ମୁଖରେ ଶୁଣାଣି ପାଇଁ ଆସିଥିଲା, ସେତେବେଳେ ଏହି ନ୍ୟାୟାଳୟର ମତ ଥିଲା ଯେ ରାଜ୍ୟ ସରକାର ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ସ୍ପଷ୍ଟୀକରଣ ସହିତ ଏହି ମାମଲାର ପୁନର୍ବିଚାର କରିବା ଆବଶ୍ୟକ ଏବଂ ବିବାଦିତ ଆଦେଶକୁ ଅକ୍ଷୁର୍ଣ୍ଣ ରଖିବା ଆବଶ୍ୟକ । ଉପରୋକ୍ତ ନିର୍ଦ୍ଦେଶ ସହିତ, ବିଶେଷ ଅନୁମତି ଆବେଦନର ସମାଧାନ କରାଯାଇଥିଲା ।

ଏହି ନ୍ୟାୟାଳୟର ନିର୍ଦ୍ଦେଶକୁ ଅନୁସରଣ କରି ରାଜ୍ୟ ସରକାର ଏହି ପ୍ରସଙ୍ଗରେ ପୁନର୍ବିଚାର କରିଥିଲେ ଏବଂ ଅପିଲକାରୀଙ୍କୁ କଳା ତାଲିକାଭୁକ୍ତ କରିବାର ପୂର୍ବ ଆଦେଶ ନିଶ୍ଚିତ କରିଥିଲେ । ଅପିଲକାରୀ ପୁନର୍ବାର ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ମାଧ୍ୟମରେ ଉକ୍ତ ଆଦେଶ ଆପତ୍ତି କରିଥିଲେ । ଉଚ୍ଚ ନ୍ୟାୟାଳୟ ନଥିକୁ ଅନୁଧ୍ୟାନ କଲେ ଏବଂ ଜାଣିବାକୁ ପାଇଲେ ଯେ ବିସ୍ତୃତ କାରଣ ନଥିଭୁକ୍ତ କରାଯାଇଥିଲା ଏବଂ ତା 'ପରେ କଳା ତାଲିକାଭୁକ୍ତିର ଆଦେଶ ପାରିତ ହୋଇଥିଲା । ମାମଲାର ଏହି ଦୃଷ୍ଟିରୁ ଆଜ୍ଞାଦେଶ ଆବେଦନକୁ ଖାରଜ କରାଯାଇଥିଲା । ଉକ୍ତ ରାୟ ବିରୁଦ୍ଧରେ, ଅପିଲକାରୀମାନେ ଏହି ଆବେଦନକୁ ଆଗତ କରିଛନ୍ତି ।

ଅପିଲକାରୀଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ଓକିଲ ଅନୁରୋଧ କରିଥିଲେ ଯେ ଅପିଲକାରୀଙ୍କ ବିରୋଧରେ ପାରିତ ଆଦେଶର ପ୍ରକୃତି ଏବଂ ଗାମ୍ଭୀର୍ଯ୍ୟକୁ ଦେଖି, ଉତ୍ତରଦାତା କାରଣ ଦର୍ଶାଅ ନୋଟିସ ସହିତ କାରଣ ଦର୍ଶାଅ ନୋଟିସରେ ଥିବା ସମସ୍ତ ବସ୍ତୁଗତ ଯୋଗାଇ ଦେବା ଉଚିତ ଥିଲା ଏବଂ ବସ୍ତୁଗତ ଯୋଗାଣର ଅନୁପସ୍ଥିତିରେ,ବିବାଦିତ ଆଦେଶ ପ୍ରାକୃତିକ ନ୍ୟାୟର ନୀତି ବିରୁଦ୍ଧରେ ଅଟେ । ଏହି ଯୁକ୍ତିରେ ଆମେ କୌଣସି ଗୁଣବତ୍ତା ପାଉନାହୁଁ । ସ୍ୱୀକାରଯୋଗ୍ୟ, ଅପିଲକାରୀଙ୍କ ରାଜ୍ୟ ସରକାରଙ୍କ ସହିତ କେବଳ ଚୁକ୍ତିଭିତ୍ତିକ ସମ୍ପର୍କ ରହିଛି ଏବଂ ଉକ୍ତ ସମ୍ପର୍କ କୌଣସି ବୈଧାନିକ ନିୟମ ଦ୍ୱାରା ପରିଚାଳିତ ନୁହେଁ । କୌଣସି ବୈଧାନିକ ନିୟମ ନାହିଁ ଯାହା ଆବଶ୍ୟକ କରେ ଯେ ଜଣେ ଅନୁମୋଦିତ ଠିକାଦାରଙ୍କୁ କାରଣ ଦର୍ଶାଇବାର ସୁଯୋଗ ନଦେଇ କଳା ତାଲିକାଭୁକ୍ତ କରାଯାଇପାରିବ ନାହିଁ । ଏହା ସତ୍ୟ ଯେ ଜଣେ ଅନୁମୋଦିତ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବା ଆଦେଶ ଦେୱାନୀ ପରିଣାମରେ ପରିଣତ ହୁଏ ଏବଂ ଏପରି ପରିସ୍ଥିତିରେ ବୈଧାନିକ ନିୟମର ଅନୁପସ୍ଥିତିରେ, ଏପରି ଆଦେଶ ପାରିତ କରିବା ସମୟରେ ଆଇନର ଏକମାତ୍ର ଆବଶ୍ୟକତା ଥିଲା ଦଣ୍ଡ ପୂର୍ବରୁ ଅପରପକ୍ଷକୁ ଶୁଣିବା ନୀତି ପାଳନ କରିବା ଯାହା ପ୍ରାକୃତିକ ନ୍ୟାୟର ନୀତିଗୁଡ଼ିକର ଏକ ଦିଗ । ଯେଉଁ ବିଷୟବସ୍ତୁ ଆଧାରରେ ଅପିଲକାରୀଙ୍କ ବିରୋଧରେ ଅଭିଯୋଗ

ଆଧାରିତ ଥିଲା, ତାହା ପ୍ରଦାନ କରିବା ଉତ୍ତରଦାତାଙ୍କ ଉପରେ ବାଧ୍ୟତାମୂଳକ ଥିଲା ବୋଲି ଯୁକ୍ତି ଦଣ୍ଡ ପୂର୍ବରୁ ଅପରପକ୍ଷକୁ ଶୁଣିବାର ସିଦ୍ଧାନ୍ତର ଆବଶ୍ୟକତା ନଥିଲା । ଆଇନ ଅନୁଯାୟୀ *ଅପିଲକାରୀଙ୍କୁ କଳା ତାଲିକାଭୁକ୍ତ* କରିବା ପୂର୍ବରୁ କାରଣ ଦର୍ଶାଅ ସୁଯୋଗ ଦେବା ଯଥେଷ୍ଟ ଥିଲା । ଏହା ବିବାଦୀୟ ନୁହେଁ ଯେ ବର୍ତ୍ତମାନର ମାମଲାରେ, ଅପିଲକାରୀଙ୍କୁ କାରଣ ଦର୍ଶାଇବାକୁ ଏକ ସୁଯୋଗ ଦିଆଯାଇଥିଲା ଏବଂ ସେ କାରଣ ଦର୍ଶାଅର ଉତ୍ତର ଦେଇଥିଲେ ଯାହା ରାଜ୍ୟ ସରକାରଙ୍କ ଦ୍ୱାରା ବିଧିବଦ୍ଧ ଭାବରେ ବିଚାର କରାଯାଇଥିଲା । ତେଣୁ ଆମର ମତ ହେଉଛି ଯେ ଅପିଲକାରୀଙ୍କୁ କଳା ତାଲିକାଭୁକ୍ତ କରିବା ସମୟରେ ଉତ୍ତରଦାତାଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରକ୍ରିୟା ପ୍ରାକୃତିକ ନ୍ୟାୟର ନୀତି ସହିତ ଅନୁରୂପ ଥିଲା ।

ଏହା ପରେ ଅନୁରୋଧ କରାଯାଇଥିଲା ଯେ ଅପିଲକାରୀଙ୍କୁ କଳା ତାଲିକାଭୁକ୍ତ କରିଥିବା ବିବାଦିତ ଆଦେଶରେ କୌଣସି କାରଣ ନାହିଁ ଏବଂ ତେଣୁ ଏହି ଆଦେଶ ଅବୈଧ ଅଟେ । ଏହି ଦାଖଲରେ ଆମେ କୌଣସି ଗୁଣବତ୍ତା ପାଉନାହୁଁ । ଉଚ୍ଚ ନ୍ୟାୟାଳୟ ସମଗ୍ର ନଥିକୁ ତଲବ କରି ଜାଣିବାକୁ ପାଇଲେ ଯେ ଅପିଲକାରୀଙ୍କୁ କଳା ତାଲିକାଭୁକ୍ତ କରିବା ଆଦେଶ ପାରିତ କରିବା ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ବିସ୍ତୃତ କାରଣ ନଥିଭୁକ୍ତ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଆହୁରି ଏକ ସକାରାତ୍ମକ ସିଦ୍ଧାନ୍ତ ନଥିଭୁକ୍ତ କରିଛନ୍ତି ଯେ ରାଜ୍ୟ ସରକାର ବିସ୍ତୃତ କାରଣ ଏବଂ ସାରମର୍ମ ନଥିଭୁକ୍ତ କରିବା ପରେ ବିବାଦିତ ଆଦେଶ ପାରିତ କରିଛନ୍ତି ଯାହା ବିବାଦିତ ଆଦେଶରେ ଅନ୍ତର୍ଭୁକ୍ତ ।

ଉପରୋକ୍ତ କାରଣଗୁଡିକ ପାଇଁ, ଆମେ ଅପିଲରେ କୌଣସି ଗୁଣବତ୍ତା ପାଉ ନାହୁଁ ଏବଂ ଏହା ବିଫଳ ହୁଏ ଏବଂ ସେହି ଅନୁଯାୟୀ ଖାରଜ ହୁଏ ।  ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଏସ୍. କେ. ଏସ୍.

ଅପିଲ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***<u>ଭାଷାନ୍ତର :</u>***

କ୍ରିଷ୍ଣା ଦାଶ
ଅନୁବାଦିକା
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।